# ଜିଲ୍ଲା ସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କମିଟୀର ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ।

ଅନୁଗୋଳ ୧୭.୦୪ :- ସାମ୍ପ୍ରତିକ ପରିସ୍ଥିତିରେ କରୋନା ଭୁତାଣୁ ସଂକ୍ରମଣ ଓ ପ୍ରଚଣ୍ଡ ରୌଦ୍ରତାପକୁ ଦୃଷ୍ଟିରେ ରଖି ବ୍ୟାପକ ପ୍ରସ୍ତୁତି ନିମନ୍ତେ ଆଜି ପୂର୍ବାହ୍ନରେ ଜିଲ୍ଲା ସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କମିଟୀର ଏକ ସ୍ୱତନ୍ତ୍ର ବୈଠକ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ମହାନ୍ତି ଅଧ୍ୟକ୍ଷତା କରି ଜଳ କ୍ଳିଷ୍ଟ ଅଂଚଳକୁ ଚିହ୍ନଟ କରିବା ସହ ପ୍ରତି ୩ ଦିନରେ ଥରେ ଜଳ ନମୁନା ପରିକ୍ଷା କରିବାକୁ ପରାମର୍ଶ ଦେଇଛନ୍ତି । ସମସ୍ତ ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡ଼ିକରେ ଯୋଗାଇ ଦିଆଯାଉଥିବା ଜଳ ଯୋଗାଣ ବ୍ୟବସ୍ଥାକୁ ତ୍ୱରାନ୍ୱିତ ଭାବେ କରିବା ସହ ଜଳ ଉତ୍ସ ଓ ଟାଙ୍କିଗୁଡ଼ିକୁ ନିୟମିତ ସପ୍ତାହରେ ୨ ଥର ସଫାକରି ବିଶୋଧନ କରିବାକୁ ପରାମର୍ଶ ଦେଇଛନ୍ତି । କରୋନା ଭୁତାଣୁ ସଂକ୍ରମଣ ଓ ଜଣ୍ଡିସ୍ ଭଳି ମହାମାରୀ ରୋଗକୁ ଦୃଷ୍ଟିରେ ରଖି ପାଇପ୍ ଜଳ ଯୋଗାଣରେ ସୃଷ୍ଟି ହେଉଥିବା ଛିଦ୍ର, ଡ୍ରେନ୍ ଓ ଅନ୍ୟାନ୍ୟ ଅପମିଶ୍ରିତ ଜଳ ମିଶୁ ଥିବାରୁ ଏଥିପ୍ରତି ସତର୍କତା ଅବଲମ୍ବନ କରିବା ସହ ଏହାକୁ ନିୟମିତ ସଫାସୁତରା ରଖିବା ସହ ଏହାର ମରାମତି କରିବାକୁ ବିଭଗୀୟ ଯନ୍ତ୍ରୀଙ୍କୁ ପରାମର୍ଶ ଦେଇଛନ୍ତି । ଏହି କାର୍ଯ୍ୟକୁ ଆସନ୍ତା ୨ ମାସ ପର୍ଯ୍ୟନ୍ତ ଯୁଦ୍ଧକାଳିନ ଭିତ୍ତିରେ କରିବାକୁ ସେ ପରାମର୍ଶ ଦେଇଛନ୍ତି । ଖରାଦିନେ ଜଳ ସମସ୍ୟା ସୃଷ୍ଟି ହେଉଥିବାରୁ ଜଳ କ୍ଳିଷ୍ଟ ଅଂଚଳରେ ଟ୍ୟାଂକର ଯୋଗେ ଜଳ ଯୋଗାଣ କରିବାକୁ ସମ୍ପୃକ୍ତ ଶିଳ୍ପ ସଂସ୍ଥାଗୁଡ଼ିକୁ ପରାମର୍ଶ ଦିଆଯାଇଛି । ପ୍ରତି ପଞ୍ଚାୟତରେ ଜଳ ଯୋଗାଣ ସମ୍ପର୍କୀତ ଅଭିଯୋଗ ରେଜିଷ୍ଟାର ପରିଚାଳନା କରାଯିବ । ଏହାଛଡ଼ା Whats App Group ମାଧ୍ୟମରେ ଜଳ ସମସ୍ୟା ଅଭିଯୋଗ ପାଇଲେ ୨୪ ଘଣ୍ଟା ମଧ୍ୟରେ ଏହାର ସମାଧାନ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ଖରାଦିନେ ଜଳ ସମସ୍ୟାକୁ ଦୃଷ୍ଟିରେ ରଖି ସମସ୍ତ କେନାଲ ଗୁଡ଼ିକରେ ପାଣି ଛାଡ଼ିବାକୁ ପରାମର୍ଶ ଦିଆଯାଇଛି । ବିଦ୍ୟୁତ୍ ସରବରାହକୁ ନିରବଛିନ୍ନ ଭାବେ ଯୋଗାଇ ଦେବାକୁ ଜିଲ୍ଲାପାଳ ବିଭାଗୀୟ ଯନ୍ତ୍ରୀଙ୍କୁ ପରାମର୍ଶ ଦେଇଛନ୍ତି । ସମ୍ଭାବ୍ୟ ଅଂଶୁଘାତକୁ ଦୃଷ୍ଟିରେ ରଖି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଶୀତତାପ ନିୟନ୍ତ୍ରିତ ୮ଟି ଶଯ୍ୟା ପ୍ରସ୍ତୁତ ରହିଛି । ଏହାଛଡ଼ା ସମସ୍ତ ଚିକିତ୍ସାଳୟରେ ଅଂଶୁଘାତ ଚିକିତ୍ସା ନିମନ୍ତେ ସ୍ୱତନ୍ତ୍ର ଶଯ୍ୟା ପ୍ରସ୍ତୁତ ରଖାଯିବା ସହ ଆବଶ୍ୟକ ORS ଓ ଜୀବନ ରକ୍ଷାକାରୀ ଔଷଧ ଗଛିତ ରଖାଯାଇଛି । ସେହିପରି ଗୃହପାଳିତ ଓ ବୁଲା ଗାଇଗୋରୁମାନଙ୍କୁ ଖାଦ୍ୟ ଦେବା ସହ ପାନୀୟ ଜଳ ଯୋଗାଇ ଦେବା ନିମନ୍ତେ ଘାଟ ଓ କୁଣ୍ଡ ପ୍ରସ୍ତୁତ ରଖିବାକୁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦିଆଯାଇଛି । ଗ୍ରାମାଂଚଳରେ ଜଳଛତ୍ର ଓ ସହରାଂଚଳରେ ପାନୀୟ ଜଳ କେନ୍ଦ୍ର ଖୋଲିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ଏହି କାର୍ଯ୍ୟକୁ ସ୍ୱାସ୍ଥ୍ୟକର ଓ ସାମାଜିକ ଦୂରତା ଅବଲମ୍ବନ ପୂର୍ବକ ପରିଚାଳନା କରିବାକୁ ପରାମର୍ଶ ଦିଆଯାଇଛି । ଏହାଛଡ଼ା ଏହି ବୈଠକରେ ସାଂପ୍ରତିକ କରୋନା ଭୁତାଣୁ ସଂକ୍ରମଣକୁ ପ୍ରତିହତ କରିବା ନିମନ୍ତେ ସରକାରଂକ ତରଫରୁ ପ୍ରଚଳିତ ନିୟମାବଳୀର କଡ଼ାକଡ଼ି ପାଳନ ସମ୍ପର୍କରେ ଜିଲ୍ଲାପାଳ ସମୀକ୍ଷା କରିଥିଲେ । ସାମାଜିକ ଦୂରତା ଅବଲମ୍ବନ, ମାସ୍କ ବ୍ୟବହାର ଓ ନିୟମିତ ହାତ ସଫା କରିବା ଓ ସନ୍ଦେହ ସୃଷ୍ଟି ହେଉଥିବା ବ୍ୟକ୍ତିଙ୍କୁ ସଂଗରୋଧ କରିବାକୁ ଜିଲ୍ଲାପାଳ ପରାମର୍ଶ

ଦେଇଛନ୍ତି  । ବର୍ତ୍ତମାନ ବାହାର ରାଜ୍ୟରୁ  ଆମ ରାଜ୍ୟକୁ ଅନେକ ଲୋକ ଘର ବାହୁଡା ହେଉଥିବାରୁ ପଞ୍ଚାୟତର ସଂଗରୋଧ ଗୃହକୁ ପ୍ରସ୍ତୁତ ରଖିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି  । ଆମ ଜିଲ୍ଲାର କେତେ ଲୋକ ବର୍ତ୍ତମାନ ସୁଦ୍ଧା ବାହାରେ ଅଛନ୍ତି ତାର ଏକ ଗ୍ରାମ ସ୍ତରୀୟ ତାଲିକା ୨ ଦିନ ମଧ୍ୟରେ ପ୍ରସ୍ତୁତ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ଚଳିତ ମାସ ୨୦ ତାରିଖ ପରେ ସ୍ଥିତିକୁ ଅନୁଧ୍ୟାନ କରାଯାଇ କିଛି ସରକାରୀ ଯୋଜନାର କାର୍ଯ୍ୟକୁ ଆରମ୍ଭ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଛନ୍ତି  । ଆମ ଜିଲ୍ଲାରେ ଥିବା ପ୍ରବାସି (Migrant) ଶ୍ରମିକ ମାନଂକର ନିୟମିତ ପ୍ରତି ୩ ଦିନରେ ଥରେ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ସ୍ୱେଛାସେବୀ ସସ୍ଥାର କର୍ମକର୍ତ୍ତାଂକ ସହାୟତାରେ ସେମାନଂକର କାଉନସେଲିଂ କରିବାକୁ ପରାମର୍ଶ  ଦିଆଯାଇଛି  । ଏହାଛଡା ବଦାନ୍ୟ ବ୍ୟକ୍ତି ଓ ସ୍ୱେଛାସେବୀ ଅନୁଷ୍ଠାନ ଦ୍ୱାରା  ସେମାନଂକୁ ସ୍ୱାସ୍ଥ୍ୟକର ଖାଦ୍ୟ  ଯୋଗାଇ ଦେବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି  ।  ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ତପନ କୁମାର ଶତପଥି, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଅତୁଲ୍ୟ କୁମାର ଚମ୍ପତିରାୟ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ସନ୍ତୋଷ କୁମାର ପ୍ରଧାନ,  ଅନୁଗୋଳ ଉପଜିଲ୍ଲାପାଳ ଶ୍ରୀ ବାସୁଦେବ ଶତପଥି, ତାଳଚେର ଉପଜିଲ୍ଲାପାଳ ଶ୍ରୀ ରଜନୀକାନ୍ତସ୍ୱାଇଁ, ପାଲଲହଡା ଉପଜିଲ୍ଲାପାଳ ଶ୍ରୀ  ଅଜିତ୍ କୁମାର ପ୍ରଧାନ, ଆଠମଲ୍ଲିକ ଉପଜିଲ୍ଲାପାଳ ଡା. ରଜନୀକାନ୍ତ   ବିଶ୍ୱାଳ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା.ପ୍ରତାପ କୁମାର ବେହେରା,ଜନସ୍ୱାସ୍ଥ୍ୟ ବିଭାଗର ନିର୍ବାହୀ ଯନ୍ତ୍ରୀ ଶ୍ରୀ ମୃତ୍ୟୁଞ୍ଜୟ ପାଣି, ଜିଲ୍ଲା ଜଳ ଓ ପରିମଳ ମିଶନର ନିର୍ବାହୀ ଯନ୍ତ୍ରୀ ଶ୍ରୀ ବିକାଶ ଦାସ,ଜିଲ୍ଲା ଜରୁରୀ କାଳିନ ଅଧିକାରୀ ଶ୍ରୀ ବଇତୁରା ଦିପ୍, ଅନୁଗୋଳ ସେସୁର ନିର୍ବାହୀ  ଯନ୍ତ୍ରୀ  ଶ୍ରୀ ସୁବ୍ରତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ, ଅନୁଗୋଳ ।


TOILET